

ତିନିଦିନିଆ ରାଜ୍ୟସ୍ତରୀୟ ଲୋକନାଟକ ମହୋତ୍ସବ ଉଦ୍‌ଯାପିତ



ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର, ଜିଲ୍ଲା ପ୍ରଶାସନ, ସଂସ୍କାର ଭାରତୀ, ଓଡ଼ିଶା ପ୍ରଦେଶ ଏବଂ ଓଡ଼ିଶା ନାଟକ ସମାରୋହ ସମିତି, ବ୍ରହ୍ମପୁରର ମିଳିତ ସହଯୋଗରେ ରାଜ୍ୟସ୍ତରୀୟ ଲୋକନାଟକ ମହୋତ୍ସବ 'ଲୋକରଞ୍ଜନୀ' ଓଡ଼ିଶା ସରକାରଙ୍କ ତରଫରୁ 'ବିଜୁ ପଟ୍ଟନାୟକ ସଂସ୍କୃତି ଭବନ', ବ୍ରହ୍ମପୁର ଠାରେ ତିନିଦିନ ଧରି ମହାସମାରୋହରେ ଆୟୋଜିତ ହୋଇଯାଇଛି। ଏକାଡେମୀ ତରଫରୁ ସଂସ୍କାର ଭାରତୀ ଓ ଓଡ଼ିଶା ନାଟକ ସମାରୋହ ସମିତି, ବ୍ରହ୍ମପୁର ଦ୍ୱାରା ଆୟୋଜିତ ଏହି ଲୋକ ନାଟକ ମହୋତ୍ସବର ଅନ୍ତିମ ରଜନୀରେ ଜଗତସିଂହପୁର ବାଣୀ କ୍ଷେତ୍ର ନାଟ୍ୟ ପରିଷଦ ତରଫରୁ ଗୀତିନାଟ୍ୟ, ଗଞ୍ଜାମ ଶ୍ରୀ ଶ୍ରୀ ମା' ଦେବୀ ନାଟ୍ୟ କଳା ସଂସଦ ତରଫରୁ ଭାରତ ଲୀଳା ଓ ଗଜପତି ସଙ୍କଟ ତାରିଣୀ ନାଟ୍ୟ କଳା ସଂସଦ ତରଫରୁ ଭୂତକେଳି ପରିବେଷଣ କରାଯାଇଥିବା ବେଳେ ଦର୍ଶକମାନେ ଉତ୍ସାହର ସହ ଉପଭୋଗ କରିଥିଲେ।ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତାଙ୍କ ପରାମର୍ଶ କ୍ରମେ ଏପରି ମହୋତ୍ସବ ପରିଚାଳିତ ହେଉଅଛି। ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ରୂପେ ଆସିକା ବିଜ୍ଞାନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଜୀବାନନ୍ଦ ତ୍ରିପାଠୀ, ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅଦିତି ଆଚାର୍ଯ୍ୟ, ଓଡ଼ିଶା ନାଟକ ସମାରୋହ ସମିତି ସାଧାରଣ ସମ୍ପାଦକ ଶ୍ରୀ ନାରାୟଣ ମହାକୁଡ଼, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଶ୍ରୀ ଗଦାଧର ବାରିକ, ସଂସ୍କାର ଭାରତୀ ଓଡ଼ିଶା ପ୍ରଦେଶ ସଂଯୋଜକ ଶ୍ରୀ ନିରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇ ବ୍ରହ୍ମପୁରରେ ପ୍ରଥମ ଥର ଏପରି ଲୋକ କଳା ମହୋତ୍ସବ ଆୟୋଜନ କରାଯାଇଥିବାରୁ ଆୟୋଜକମାନଙ୍କୁ ଭୂୟସୀ ପ୍ରଶଂସା କରିବା ସହ ଏପରି ମହୋତ୍ସବ ଦ୍ୱାରା ଲୋକ କଳାର ବିକାଶ ହୋଇପାରୁଥିବା କହିଥିଲେ।ଏହି କାର୍ଯ୍ୟକ୍ରମକୁ ସଭାପତି ଅନୀଲ କୁମାର ପାତ୍ର ପୂର୍ଣ୍ଣ ସହଯୋଗ ତଥା ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘର କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, କୈଳାଶ ପାଣିଗ୍ରାହୀ, କାର୍ତ୍ତିକ ପାଣିଗ୍ରାହୀ, ଆରତୀ ପାତ୍ର, କୁନି ପଣ୍ଡା, ହରିଶ୍ଚନ୍ଦ୍ର ବରାଡ଼, ମୃତ୍ୟୁଞ୍ଜୟ ତ୍ରିପାଠୀ, ଜୟନ୍ତୀ ମିଶ୍ର, ଅଭିରାମ ରାଉଳ, ବଳଦେବ ସାହୁ, କୃଷ୍ଣ ପଣ୍ଡା, ସରୋଜ ପଣ୍ଡା, ଅଶୋକ ପାତ୍ର, ସୁନୀଲ ସ୍ୱାଇଁ, ସୁଦୀପ କୁମାର ସାହୁ, ମିହିର ପାଣିଗ୍ରାହୀ, ବିନାୟକ ହୋତା, ସତ୍ୟ ଦାସଙ୍କ ସମେତ ବହୁ କଳାପ୍ରେମୀ ଓ କର୍ମକର୍ତ୍ତା ଏଠାରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶ୍ରୀ ଶିବାନନ୍ଦ ବାରିକ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଅତିଥି ଓ କଳାକାରମାନଙ୍କୁ ଏଠାରେ ସମ୍ମାନିତ କରାଯାଇଥିଲା।

■ ବନ୍ୟାଞ୍ଚଳ ବୁଲି ସ୍ଥିତି ପରଖିଲେ ପ୍ରଣବ
ବିପନ୍ନଙ୍କୁ ତୁରନ୍ତ ସହାୟତା ଯୋଗାଇଦେବାକୁ ଦାବି



ଧାମନଗର(ଭାସ୍କର ନ୍ୟୁଜ୍): ଧାମନଗର ବ୍ଲକର ବନ୍ୟା ପରିସ୍ଥିତି ଜଟିଳ ହେଉଛି ଲୋକଙ୍କ ଅବସ୍ଥା ଯାହା ହେଉଚି ତାଠାରୁ ଚାଷୀଙ୍କ ମେରୁଦଣ୍ଡ ପୁରା ଭାଙ୍ଗିଗଲା।ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଥିବାବେଳେ ବିପନ୍ନଙ୍କ ଦୁର୍ଦ୍ଦଶା ଚରମସୀମାରେ ପହଞ୍ଚିଛି। ପ୍ରକୃତ ବନ୍ୟା ପ୍ରଭାବିତ ଙ୍କ ନିକଟରେ ପର୍ଯ୍ୟାପ୍ତ ରିଲିଫ ପହଞ୍ଚୁ ନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଧାମନଗର ବ୍ଲକର ଅର୍ଜୁନପୁର ଓ ହସନାବାଦ ପଞ୍ଚାୟତର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ବିପନ୍ନଙ୍କ ସହ ଆଲୋଚନା କରିଛନ୍ତି। ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା, ତରେଇସାହି, ବ୍ରହ୍ମଚାରୀପାଟଣା, ମୁକ୍ତାନଗର, ମଠସାହି ଏବଂ ହସନାବାଦ ପଞ୍ଚାୟତର ମଠସାହି, ବନବାଗ, ହସନାବାଦ, ତଳ ଅଷ୍ଟକ, ଉପର ଅଷ୍ଟକ, ପଙ୍ଗଟା ଶାସନ ଓ ଅନଳଡିହ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ।ଗ୍ରାମବାସୀମାନେ ଶ୍ରୀ ଦାସଙ୍କ ନିକଟରେ ଅଭିଯୋଗ କରି କହିଥିଲେ ଯେ, ସରକାରୀ ବନ୍ୟା ସହାୟତା ସମସ୍ତ ପ୍ରକୃତ ପ୍ରଭାବିତଙ୍କ ପାଖରେ ପହଞ୍ଚି ନାହିଁ। କେତେକ ସ୍ଥାନରେ ଚୁଡ଼ା, ଚିନି ଓ ବିସ୍କୁଟ ଭଳି ସାମଗ୍ରୀ ବଣ୍ଟନ ହୋଇଥିବା ବେଳେ ଅନେକ ବିପନ୍ନ ପରିବାର ପର୍ଯ୍ୟାପ୍ତ ସହାୟତାରୁ ବଞ୍ଚିତ ଥିବା ସେମାନେ କହିଥିଲେ। ।ବିପନ୍ନଙ୍କ ଅଭିଯୋଗ ଶୁଣି ଦାସ ସେମାନଙ୍କ ସମସ୍ୟା ସରକାରଙ୍କ ଦୃଷ୍ଟିକୁ ଆଣିବା ସହ ପ୍ରକୃତ ଦୁର୍ଗତଙ୍କ ନିକଟରେ ସହାୟତା ପହଞ୍ଚାଇବା ପାଇଁ ପଦକ୍ଷେପ ନେବାକୁ ଆଶ୍ୱାସନ ଦେଇଥିଲେ। ଏଥିସହ ସରପଞ୍ଚଙ୍କ ମାଧ୍ୟମରେ ନିଜସ୍ୱ ସ୍ତରରୁ ଆବଶ୍ୟକ ସହାୟତା ଯୋଗାଇଦେବାକୁ ସେ କହିଥିଲେ। ଏହି ଗସ୍ତ ସମୟରେ ଧାମନଗର ନିର୍ବାଚନମଣ୍ଡଳୀ ନେତା ଡାକ୍ତର ସଞ୍ଜୟ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ଯୁବ ସଭାପତି ଭାରତ ବିଜୟ ଦଳେଇ, ଅର୍ଜୁନପୁର ସରପଞ୍ଚ ସରିତା ମହାନ୍ତି, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ପୂର୍ବତନ ବ୍ଲକ ସଭାପତି ଉମେଶ ମହାନ୍ତି, ସମିତି ସଭ୍ୟ ଜ୍ଞାନ ମହାକୁଡ଼ ଓ ସୁଦୀପ୍ତ ଖଟୁଆଙ୍କ ସମେତ ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ।

ପୁଲିସର ଚଢ଼ାଉ, ବିପୁଳ ପରିମାଣର ବିଦେଶୀ ମଦ ଜବତ



ବ୍ରହ୍ମପୁର(ଭାସ୍କର ନ୍ୟୁଜ୍): ବ୍ରହ୍ମପୁର ସଦର ଥାନା ପୁଲିସ ଗୁରୁବାର ଭୋର ସମୟରେ ଚଢ଼ାଉ କରି ବାଲିପଡ଼ା ଗ୍ରାମର ଅଭ୍ୟାସଗତ ଅପରାଧୀ ଶଙ୍କର ରାଉତ (୩୧)ଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ବହୁ ପରିମାଣର ବେଆଇନ ଭାରତୀୟ ବିଦେଶୀ ମଦ (ଓଗରଖ) ଜବତ କରିଛି।ନିର୍ଦ୍ଦିଷ୍ଟ ଗୁଇନ୍ଦା ସୂଚନା ଆଧାରରେ ଏଏସଆଇ ଦେବରାଜ ମଲ୍ଲିକଙ୍କ ନେତୃତ୍ୱରେ ରାତ୍ରି ପାଟ୍ରୋଲିଂ ଦଳ ସକାଳ ପ୍ରାୟ ୫ଟା ୧୦ ମିନିଟ୍‌ରେ ବାଲିପଡ଼ାସ୍ଥିତ ଗଙ୍ଗା ଗ୍ରାନାଇଟ୍ ନିକଟରେ ଥିବା ଏକ କୋଠରୀ ଘରେ ଚଢ଼ାଉ କରିଥିଲେ। ସେଠାରେ ଶଙ୍କର ରାଉତଙ୍କୁ ବେଆଇନ ଭାବେ ବିଦେଶୀ ମଦ ଗଚ୍ଛିତ ରଖିଥିବା ଅବସ୍ଥାରେ ପୁଲିସ କାବୁ କରିଥିଲା। ଚଢ଼ାଉ ବେଳେ ବୁଡ଼ୱାଇଜର, କିଙ୍ଗଫିସର, ଏଲିଫାଣ୍ଟ ବିୟର, ମ୍ୟାକଡୋୱେଲ୍ସ ନଂ-୧, ଓଲ୍ଡ ମଙ୍କ ରମ୍, ଆଇକନିକ୍ ହ୍ୱାଇଟ୍ ହ୍ୱିସ୍କି, ମ୍ୟାଜିକ୍ ମୋମେଣ୍ଟସ୍ ଭୋଡ୍କା ଓ ରୟାଲ୍ ଷ୍ଟାଗ୍ ସମେତ ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଜବତ କରାଯାଇଛି। ଏହି ସମସ୍ତ ମଦ ପାଇଁ ବୈଧ ଲାଇସେନ୍ସ କିମ୍ବା ଅନୁମତିପତ୍ର ନଥିବା ଜଣାପଡ଼ିଛି।ଏନେଇ ସଦର ଥାନାରେ କେସ୍ ନଂ-୫୩୬/୨୦୨୬ ରୁଜୁ କରାଯାଇ ଓଡ଼ିଶା ଅବକାରୀ ଆଇନ-୨୦୦୮ର ଧାରା ୫୨(ଏ) ଅନୁଯାୟୀ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଏକାଧିକ ଆପରାଧିକ ମାମଲା ରହିଥିବାରୁ ଗିରଫ କରାଯାଇଥିଲା। ଡାକ୍ତରୀ ପରୀକ୍ଷା ପରେ ତାଙ୍କୁ ବ୍ରହ୍ମପୁର ଜେଏମଏଫସି (ଗ୍ରାମାଞ୍ଚଳ) ଅଦାଲତରେ ହାଜର କରାଯାଇଛି।

କଟକରେ ସିନ୍ଥେଟିକ୍ ପନୀର ଜବତ, ନିଆଳୀ ଓ ନୂଆଗାଁ ବେପାରୀଙ୍କ ମନରେ ଛନକା

ନିଆଳି(ଭାସ୍କର ନ୍ୟୁଜ୍): ନିଆଳି ଅଞ୍ଚଳରୁ କଟକକୁ ଦୈନଦିନ କୁଇଣ୍ଟାଲ କୁଇଣ୍ଟାଲ ଛେନା ଯାଉଥିବା ବେଳେ ଗତ ମଙ୍ଗଳବାର ଦିନ କଟକରେ ସିନଟ୍ଟେଟିକ ପନିର ଧରାପଡ଼ିବା ପରେ ଉକ୍ତ ପନିର ନିଆଳୀ ଅଞ୍ଚଳ ରୁ ଆସିଥିଲା ବୋଲି ଜଣାପଡିଥିଲା। ଏହି ଘଟଣା ଗଣମାଧ୍ୟମ ରେ ପ୍ରକାଶ ପାଇବା ପରେ ନିଆଳି ଥାନା ନୂଆ ଗାଁ ଅଞ୍ଚଳରେ ନିମ୍ନ ମାନର କ୍ଷୀର ପାଉଡ଼ର ବିକ୍ରି କରୁଥିବା ଡିଲର ମାନଙ୍କ ମଧ୍ୟରେ ଛନକା ପଶିଚି। ଡିଲରମାନେ ଚଞ୍ଚକତା କରି ନାମୀ ଦାମୀ କମ୍ପାନୀର ପାଉଡ଼ର ନାମକୁ ମାତ୍ର ରଖି ୮୦ ରୁ ୧୩୦ ଟଙ୍କା ମଧ୍ୟରେ ଅତ୍ୟନ୍ତ ନିମ୍ନ ମାନର କ୍ଷୀର ପାଉଡ଼ର ବିକ୍ରି କରୁଛନ୍ତି। ନିଆଳି ଅଞ୍ଚଳ ରେ କିଛି ଛେନା ବେପାର କରୁଥିବା ଅସାଧୁ ବ୍ୟବସାୟୀ ଅଧିକ ଲାଭ ଆଶାରେ ପନିର ଓ ଛେନାରେ ନିମ୍ନ ମାନର ପାଉଡ଼ର ବ୍ୟବହାର କରୁଛନ୍ତି। ଏ ସମ୍ପର୍କରେ ଖାଦ୍ୟ ସୁରକ୍ଷା ଅଧିକାରୀ ଙ୍କ ନିକଟରେ ଅଭିଯୋଗ ହେବାପରେ ନୂଆ ଗାଁ ଅଞ୍ଚଳରେ ଖାଦ୍ୟ ସୁରକ୍ଷା ଅଧିକାରୀ, ଯୋଗାଣ ଅଧିକାରୀ ଓ ସ୍ଥାନୀୟ ପୋଲିସ ର ମିଳିତ ଚଢ଼ାଉ ୨ ବର୍ଷ ତଳେ କରାଯାଇଥିଲା। ଏହି ଚଢ଼ାଉ ଦୀର୍ଘଦିନ ହେବ ବନ୍ଦ ରହିଥିବା ବେଳେ ଛେନା ବେପାରୀ ଓ ପାଉଡ଼ର ବେପାରୀ ଏହାକୁ ଖୁଲମ ଖୁଲା ବ୍ୟବହାର ରେ ଲଗାଉଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ଗତ ମଙ୍ଗଳବାର ଦିନ ସିଡିଏ ରୁ ମିଳିଥିଲା କୁଇଣ୍ଟାଲ କୁଇଣ୍ଟାଲ ସିନଟ୍ଟେଟିକ ପନିର, ଯାହା ନିଆଳି ଅଞ୍ଚଳ ରୁ ଆସିଥିଲା। ଏହି ଘଟଣା ଗଣ ମାଧ୍ୟମରେ ପ୍ରକାଶ ପାଇବା ପରେ ଛେନା ବେପାରୀ ଓ ପାଉଡ଼ର ବେପାରୀଙ୍କ ମନରେ ଛନକା ପଶିଛି।

ପିଏମ୍ ହାଇସ୍କୁଲରେ ଶିକ୍ଷକ ବଦଳି ପ୍ରତିବାଦ ଜାରି



ଭଞ୍ଜାରିପୋଖରୀ (ଭାସ୍କର ନ୍ୟୁଜ୍): ଭଞ୍ଜାରିପୋଖରୀ ବ୍ଲକ ରହଣିଆ ପିଏମ ହାଇସ୍କୁଲର ସଂସ୍କୃତ ଶିକ୍ଷକ ପ୍ରିୟବ୍ରତ ବାରିକଙ୍କ ଡେପୁଟେସନ ଆଦେଶ ବାତିଲ ଦାବିରେ ଗୁରୁବାର ବିଦ୍ୟାଳୟ ଫାଟକରେ ତାଲା ପକାଯାଇ ପ୍ରତିବାଦ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତି ସଭାନେତ୍ରୀ ଅନୁସୂୟା ବାରିକଙ୍କ ନେତୃତ୍ୱରେ ସକାଳେ ବିଦ୍ୟାଳୟ ଫାଟକରେ ତାଲା ପକାଯାଇ ଡେପୁଟେସନ ଆଦେଶ ବାତିଲ ନହେବା ପର୍ଯ୍ୟନ୍ତ ବିଦ୍ୟାଳୟ ବନ୍ଦ ରଖାଯିବ ବୋଲି କୁହାଯାଇଥିଲା। କିଛି ସମୟ ପରେ ଫାଟକ ଖୋଲାଯାଇ ପ୍ରଧାନଶିକ୍ଷକ ଦେବଦତ୍ତ ଜେନାଙ୍କ ବ୍ୟତୀତ ଛାତ୍ରଛାତ୍ରୀ ଓ ଅନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ବିଦ୍ୟାଳୟ ଭିତରକୁ ଛଡାଯାଇଥିଲା। ବିଚରା ପ୍ରଧାନଶିକ୍ଷକ ବିଦ୍ୟାଳୟ ଫାଟକ ବାହାରେ ବସିରହିଥିଲେ। ମଧ୍ୟାନ୍ନ ୧୨ଟା ବେଳେ ପ୍ରଧାନଶିକ୍ଷକଙ୍କୁ ଭିତରକୁ ଛଡାଯାଇଥିଲା। ବିଦ୍ୟାଳୟ ପକ୍ଷରୁ ସୂଚନା ପାଇ ପୁଲିସ ବିଦ୍ୟାଳୟରେ ପହଞ୍ଚି ଆଲୋଚନା କରିଥିଲା। ଶୁକ୍ରବାର ପ୍ରଧାନଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ଡେପୁଟେସନ ବାତିଲ ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସାକ୍ଷାତ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ଘଟଣାକୁ ନେଇ ବିଦ୍ୟାଳୟରେ ବିଶୃଙ୍ଖଳିତ ପରିସ୍ଥିତି ସୃଷ୍ଟି ହୋଇ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିଲା।

ମହାବିଦ୍ୟାଳୟରେ ନିଶାମୁକ୍ତ ଅଭିଯାନ

ପାରାଦୀପ(ଭାସ୍କର ନ୍ୟୁଜ୍): ପାରାଦୀପ ମହାବିଦ୍ୟାଳୟ ପକ୍ଷରୁ ନିଶାମୁକ୍ତ କାର୍ଯ୍ୟକ୍ରମ ଯୁକ୍ତ ୨ ଓ ୩ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଗତ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ.ସସ୍ମିତା ଶତପଥୀ ସ୍ୱାଗତ ଭାଷଣ ଦେବା ସହିତ ଛାତ୍ରଛାତ୍ରୀମାନେ କିପରି ନିଶାରୁ ଦୂରରେ ରହି ସୁସ୍ଥ ଜୀବନଯାପନ କରି ଭାରତର ବିକାଶରେ ସହାୟକ ହୋଇପାରିବେ ଏହା ଉପରେ ସୁଚିନ୍ତିତ ମତାମତ ପ୍ରଦାନ କରିଥଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭଉଣୀ ସୁମନ ଏବଂ ତାଙ୍କ ସହଯୋଗୀ ମାନେ ଉପସ୍ଥିତ ରହି ଯୁବଶକ୍ତି ନିଶାମୁକ୍ତ ହୋଇ ଦେଶର ପ୍ରଗତିରେ ସହଯୋଗ ପ୍ରଦାନ କରିବା ସହିତ ଶପଥ ପାଠ କରାଇଥିଲେ। ଶେଷରେ ଇତିହାସ ବିଭାଗର ଅଧ୍ୟାପିକା ତଥା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରିଣୀ ଶ୍ରୀମତୀ ସଂଘମିତ୍ରା ପ୍ରଧାନ ଧନ୍ୟବାଦ ଅର୍ପଣ କରିବା ସହିତ ସୁସ୍ଥ, ନିଶାମୁକ୍ତ ସମାଜ ଗଠନରେ ଛାତ୍ରଛାତ୍ରୀଙ୍କ ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ। ଏଥିରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ଏବଂ କର୍ମଚାରୀମାନେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ଘରେ କଳାକନା ବୁଲାଇ ଚୋରି, ଅଭିଯୁକ୍ତ ଗିରଫ



ସତ୍ୟବାଦୀ(ଭାସ୍କର ନ୍ୟୁଜ୍): ସତ୍ୟବାଦୀ ଥାନା ଅନ୍ତର୍ଗତ ବାସୁକେରା ଗ୍ରାମରେ ଘରର ତାଲା ଭାଙ୍ଗି ଟିଭି, ରୂପା ବ୍ରେସଲେଟ୍ ? ଓ ନଗଦ ଟଙ୍କା ଚୋରି ଘଟଣାରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି ଗୁରୁବାର ସତ୍ୟବାଦୀ ଜେଏମଏଫସି କୋର୍ଟକୁ ଚାଲାଣ କରିଛି।ପୁଲିସ ସୂଚନା ଅନୁଯାୟୀ, ବାସୁକେରା ଗ୍ରାମର ହରପ୍ରିୟା ଷଡ଼ଙ୍ଗୀ ଗତ ୧୯ ତାରିଖରେ ଘରେ ତାଲା ପକାଇ ଦଉଡ଼ି କମ୍ପାନୀକୁ କାମ କରିବାକୁ ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରିବା ପରେ ଘରର ତାଲା ଭଙ୍ଗା ଥିବା ଦେଖିଥିଲେ। ଘର ଭିତରୁ ୨୨ ଇଞ୍ଚର ଏଲସିଡି ଟିଭି, ରୂପା ବ୍ରେସଲେଟ୍ ଓ ନଗଦ ୭,୫୦୦ ଟଙ୍କା ଚୋରି ହୋଇଥିବା ଜଣାପଡ଼ିଥିଲା। ଏନେଇ ସେ ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ।ଅଭିଯୋଗ ଆଧାରରେ ସତ୍ୟବାଦୀ ପୁଲିସ ତଦନ୍ତ ଆରମ୍ଭ କରି ଗୋପ ଥାନା ଅନ୍ତର୍ଗତ ନୂଆହାଟ ଚଢ଼େଇଖିଆ ଗ୍ରାମର ଏସକେ ରାଜନ (୩୨)ଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ନଗଦ ୭,୫୦୦ ଟଙ୍କା ଓ ୨୪ ଇଞ୍ଚର ଗଇଜଛ ଖରଉ ଟିଭି ଜବତ କରାଯାଇଛି। ତେବେ ଚୋରି ହୋଇଥିବା ରୂପା ବ୍ରେସଲେଟ୍ ? ସମ୍ପର୍କରେ ତଦନ୍ତ ଜାରି ରହିଛି।ପୁଲିସ ରେକର୍ଡ ଯାଞ୍ଚରୁ ଅଭିଯୁକ୍ତଙ୍କ ନାମରେ ଗୋପ ଥାନାରେ ପୂର୍ବରୁ ମଧ୍ୟ ଦୁଇଟି ମାମଲା ଥିବା ଜଣାପଡ଼ିଛି। ସତ୍ୟବାଦୀ ଥାନା ଏଏସଆଇ ଅମୂଲ୍ୟ କୁମାର ମଲ୍ଲିକ ମାମଲାର ତଦନ୍ତ କରୁଛନ୍ତି।

MANAPPURAM FINANCE LTD.

CIN : L65910KL1992PLC006623
Registered Office: W - 4/ 638A, Manappuram House,
P.O. Valapad, Thrissur - 680 567, Kerala, India

ନିଲାମୀ ସୂଚନା

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚୀତ କରାଇ ଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନିକ ନିଲାମ ନିମ୍ନଲିଖିତ ଶାଖାରେ 16.09.2026 ତାରିଖ ଦିନ ସକାଳ 10 ଘଟିକା ଠାରୁ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି । ଆମେ ସେହି ବକ୍କିଦାର ଗ୍ରାହକଙ୍କ ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜୀକୃତ ପତ୍ର ଜରିଆରେ ସୂଚୀତ କରାଇବା ପରେ ମଧ୍ୟ ସେମାନେ ସେମାନଙ୍କ ଋଣ ରାଶି ପଇଠ କରିବାରେ ବିଫଳ ହୋଇଛନ୍ତି । ନିଲାମ ନ କରାଯାଇଥିବା ସାମଗ୍ରୀକୁ କୌଣସି ପୂର୍ବ ସୂଚନା ବ୍ୟତୀତ ଯେକୌଣସି ଅନ୍ୟ ଦିନରେ ନିଲାମ କରାଯିବ । ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ କରାଯିବ ।

ବନ୍ଧକ ସୂଚୀ :

ଆଷ୍ଟା ରୋଡ୍, 0110540700054308, 4366, 4381, 4404, 4480, 4510, 4520, 6004, 6007, 6009, 6014, 6027, 6030, 6048, 6050, 6052, 6057, 6063, 6067, 6068, 6071, 6075, 6091, 6092, 6095, 6097, 6108, 6117, 6121, 6137, 6143, 6150, 6171, 6373, 0110540730077643, 7894, 8480, 8481, 0388, 0416, 0418, 0427, 0428, 0441, 0457, 0458, 0471, 0472, 0473, 0486, 0487, 0488, 0489, 0491, 0494, 0495, 0496, 0498, 0499, 0506, 0530, 0549, 0567, 0574, 0575, 0580, 0581, 0582, 0588, 0591, 0596, 0598, 0601, 0602, 0604, 0607, 0613, 0614, 0616, 0619, 0628, 0629, 0633, 0634, 0635, 0636, 0637, 0640, 0644, 0654, 0660, 0661, 0669, 0674, 0675, 0682, 0695, 0702, 0703, ଆଷ୍ଟା, ଲକ୍ଷ୍ମୀ ବଜାର, 0115990700045335, 7565, 7629, 8102, 8121, 8129, 8150, 8188, 8191, 8199, 8200, 8215, 8223, 8226, 9649, 9664, 9667, 9671, 9692, 9701, 9706, 9710, 9727, 9738, 9752, 9754, 9764, 9776, 9783, 9785, 9792, 0115990730139936, 0861, 0924, 0965, 8820, 8838, 8849, 8870, 8871, 8880, 8883, 8884, 8888, 8896, 8908, 8933, 8980, 8983, 8986, 9004, 9010, 9013, 9019, 9021, 9022, 9032, 9035, 9036, 9037, 9038, 9039, 9048, 9056, 9057, 9058, 9074, 9075, 9082, 9084, 9095, 9098, 9107, 9115, 9116, 9122, 9124, 9125, 9139, 9143, 9150, 9153, 9154, 9189, 9190, 9192, 9200, 9207, 9219, 9221, 9224, ବ୍ରହ୍ମପୁର 1, 0108500700049030, 1740, 2513, 2534, 2670, 2680, 4480, 4481, 4493, 4500, 4501, 4511, 4524, 4527, 4532, 4541, 4563, 4576, 4583, 4585, 4593, 4594, 4598, 4611, 4631, 4632, 4639, 4647, 4650, 4659, 4661, 4663, 4667, 0108500730068380, 8384, 8529, 7666, 7668, 7685, 7688, 7692, 7704, 7711, 7714, 7715, 7719, 7720, 7733, 7747, 7752, 7753, 7755,